# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 02nd April - 2026

*************************************

***IPR***

## ରାଜ୍ୟପାଳ – ଓଡ଼ିଶା ଦିବସ

ମୂଲ୍ୟବୋଧ ଆଧାରିତ ବିକଶିତ ଓଡ଼ିଶା ଗଠନ ଲାଗି ସମସ୍ତଙ୍କ ପ୍ରୟାସ ଜରୁରୀ ବୋଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍ପାଟି କହିଛନ୍ତି । ଗତ ସନ୍ଧ୍ୟାରେ ଓଡ଼ିଶା ଦିବସ ଅବସରରେ ଭୁବନେଶ୍ୱର ଲୋକଭବନର ନୂତନ ଅଭିଷେକ ହଲ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଛନ୍ତି, ପ୍ରକୃତ ବିକାଶ ସମାଜରେ ସାଧୁତା, କରୁଣା, ଶୃଙ୍ଖଳା ଓ ଦାୟିତ୍ୱବୋଧରେ ପ୍ରତିଫଳିତ ହେବା ଆବଶ୍ୟକ । ସ୍ୱତନ୍ତ୍ର ଓଡ଼ିଶା ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ନେତୃବୃନ୍ଦ, ଏହାର ଆଧ୍ୟାତ୍ମିକ-ସାଂସ୍କୃତିକ ଐତିହ୍ୟକୁ ସ୍ମରଣ କରି ରାଜ୍ୟପାଳ ଡକ୍ଟର କମ୍ଭମ୍ପାଟି' ସମାବେଶୀ, ସୁରକ୍ଷିତ ଓ ସମୃଦ୍ଧ ଭବିଷ୍ୟତ ଗଠନ କରିବାରେ ବ୍ରତୀ ହେବାକୁ ଯୁବପିଢ଼ିକୁ ଆହ୍ୱାନ ଦେଇଛନ୍ତି ।

*Desk*

# ଯୋଜନା କମିଟି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୩୦ଟି ଜିଲ୍ଲାର ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷଙ୍କୁ ନିଯୁକ୍ତି ଦେଇଛନ୍ତି । ୪ ଜଣ ମନ୍ତ୍ରୀ ଏବଂ ୨୬ ଜଣ ବି.ଜେ.ପି. ବିଧାୟକଙ୍କୁ ନିଯୁକ୍ତି ଦିଆଯାଇଛି । ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗଜପତି ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ହୋଇଥିବାବେଳେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ରାୟଗଡ଼ା, ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସମ୍ବଲପୁର ଓ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଦେବଗଡ଼ ଜିଲ୍ଲାର ଅଧ୍ୟକ୍ଷ ହୋଇଛନ୍ତି ।

ସୂଚନାଯୋଗ୍ୟ, ପ୍ରାୟ ୨ ବର୍ଷ ପରେ ଯୋଜନା କମିଟି ଗୁଡ଼ିକର ପୁନର୍ଗଠନ ହୋଇଛି ।

*Desk*

# ଓଡ଼ିଆ ପକ୍ଷ

ଓଡ଼ିଆ ପକ୍ଷ ଅବସରରେ ଆଜି ଏବଂ ଆସନ୍ତାକାଲି 'ପାରମ୍ପରିକ ପୋଷାକ ପରିଧାନ ଦିବସ - ଆମ ପୋଷାକ ଆମ ପରିଚୟ" ପାଳନ କରାଯିବ । ରାଜ୍ୟ ସରକାରୀ କର୍ମଚାରୀ, ଅଧିକାରୀ ଓ ଜନସାଧାରଣଙ୍କୁ ଓଡ଼ିଶା ହସ୍ତତନ୍ତ ପୋଷାକ ପିନ୍ଧିବାକୁ ଏହି ଦିବସରେ ଉତ୍ସାହିତ କରାଯାଇଥାଏ । ରାଜ୍ୟ ସରକାରଙ୍କ ପକ୍ଷରୁ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଦ୍ୱାରା ପରିଚାଳିତ ବୟନିକା, ଉତ୍କଳିକା, ରେଶମ ଓଡ଼ିଶା ଓ

ସମ୍ବଲପୁରୀ ବସ୍ତ୍ରାଳୟର ହସ୍ତତନ୍ତ ବସ୍ତ୍ର ଉପରେ ୩୦ ପ୍ରତିଶତ ରିହାତି ପ୍ରଦାନ କରାଯିବ । ହସ୍ତତନ୍ତ ପୋଷାକ ପରିଧାନ କରି ଓଡ଼ିଆ ପକ୍ଷ ୨୦୨୬ ୱେବ୍‌ସାଇଟ୍‌ରେ ସେଲ୍‌ଫି ଅପ୍‌ଲୋଡ଼ କରିବାପାଇଁ ଆହ୍ୱାନ ଦିଆଯାଇଛି ।

***Desk***

# ଯୁକ୍ତ ଦୁଇ ଖାତାଦେଖା

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ପରୀକ୍ଷା ଖାତା ମୂଲ୍ୟାୟନ ଆଜିଠାରୁ ୭୫ଟି ଅନ୍‌ଲାଇନ କେନ୍ଦ୍ର ଓ ୭୬ଟି ଅଫ୍‌ଲାଇନ୍ କେନ୍ଦ୍ରରେ ଆରମ୍ଭ ହେଉଛି। ଆଜିଠାରୁ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ଏବଂ ୧୫ରୁ ୨୮ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟରେ ଖାତା ଦେଖା ହେବ । ମୋଟ୍ ୧୬ ହଜାର ୪୫୮ ଜଣ ପରୀକ୍ଷକ ଉତ୍ତର ଖାତା ମୂଲ୍ୟାୟନ କରିବେ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପରୀକ୍ଷା ନିୟନ୍ତ୍ରକ ଡକ୍ଟର ପ୍ରଶାନ୍ତ କୁମାର ପରିଡ଼ା କହିଛନ୍ତି ।

***Voice :......***

***Desk***

# ବିଶ୍ୱ ଅଟିଜିମ୍ ଦିବସ

ଶିଶୁମାନଙ୍କ କ୍ଷେତ୍ରରେ ଅଟିଜିମ୍ ବା ଜଟିଳ ସ୍ନାୟୁଗତ ବିକାଶଜନିତ ବ୍ୟାଧି କ୍ଷେତ୍ରରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଜି ପାଳିତ

ହେଉଛି ବିଶ୍ୱ ଅଟିଜିମ୍ ଦିବସ ।  ଏହି ରୋଗର ଶିକାର ହୋଇଥିବା  ଶିଶୁ ଏବଂ ବୟସ୍କ ଲୋକମାନଙ୍କ କ୍ଷେତ୍ରରେ ଦେଖିବା, ଶୁଣିବା ଏବଂ ଅନୁଭବ କରିବାର ଲକ୍ଷଣରେ ବିଚ୍ୟୁତି ଦେଖାଦେଇଥାଏ । ଅଟିଜିମ୍ ରୋଗରେ ଆକ୍ରାନ୍ତ ଶିଶୁଙ୍କ ଭାଷାର ପରିପ୍ରକାଶ ଏବଂ ଶ୍ରବଣ ଶକ୍ତି ବହୁ ପରିମାଣରେ ହ୍ରାସ ଘଟିଥାଏ । ଅଟିଜିମ୍ ଏକ ସ୍ନାୟୁଗତ ସମସ୍ୟା ହୋଇଥିବାରୁ ଶୈଶବ ଅବସ୍ଥାରେ ଜଣେ ଶିଶୁର ମସ୍ତିଷ୍କ ସଠିକ୍ ଭାବରେ ବିକଶିତ ହୋଇ ନ ଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସୂଚନା ଅନୁସାରେ, ପ୍ରତି ୩୬ରୁ ୧୦୦ ଜଣ ଶିଶୁଙ୍କ ମଧ୍ୟରେ ଜଣେ ଅଟିଜିମ୍ ରୋଗର ଶିକାର ହୋଇଥା'ନ୍ତି। ଅଟିଜିମ୍ ରୋଗର ଚିକିତ୍ସା କରାଇପାରିଲେ ଶିଶୁର ବ୍ୟବହାରରେ ଅନେକ ଉନ୍ନତି ପରିଲକ୍ଷିତ ହୋଇଥାଏ । ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି "ଅଟିଜିମ୍ ଏବଂ ମାନବିକତା : ପ୍ରତ୍ୟେକଟି ଜୀବନର ମୂଲ୍ୟ" ।

***Nabarangpur/R***

# ଖପରଶନି ଯାତ୍ରା

ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ୍ ଖପରାଡିହି ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଖପରଶନିଙ୍କ ବାସନ୍ତିକ ଯାତ୍ରା ସମ୍ପନ୍ନ ହୋଇଛି । ଚଳିତ ବର୍ଷ ଏହି ଯାତ୍ରାରେ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିବାବେଳେ କଳାହାଣ୍ଡି ଓ ଛତିଶଗଡ଼ ଅଞ୍ଚଳରୁ ବିପୁଳ ଜନସମାଗମ ହୋଇଥିଲା ।

*Nayagarh/R*

# ନବମୀ ଯାତ୍ରା

ନୟାଗଡ଼ ଜିଲ୍ଲା ଓଡ଼ଗାଁରେ ଶ୍ରୀରଘୁନାଥଜିଉଙ୍କ ନବମୀ ଯାତ୍ରାର ଷଷ୍ଠ ସନ୍ଧ୍ୟାରେ ପ୍ରଭୁ ଶ୍ରୀରାମଙ୍କ ବନବାସ ଅବସରରେ ଅନୁଜ ଲକ୍ଷ୍ମଣ ଏବଂ ଜାନକୀଙ୍କ ସହିତ ଦକ୍ଷିଣାଭିମୁଖୀ ହୋଇଛନ୍ତି । ପ୍ରତ୍ୟେକ ଦିନ ସନ୍ଧ୍ୟାରେ ରାମାୟଣ କଥାବସ୍ତୁକୁ ନେଇ ଅଭିନୀତ ହେଉଥିବା କାର୍ଯ୍ୟକ୍ରମ ଦେଖିବା ଲାଗି ପ୍ରବଳ ଜନସମାଗମ ହେଉଛି ।

*Nuapada/R*

# ମାରାଗୁଡ଼ା ମହୋତ୍ସବ

ନୂଆପଡ଼ା ଜିଲ୍ଲାସ୍ତରୀୟ ମାରାଗୁଡ଼ା ମହୋତ୍ସବକୁ ବିଧାୟକ ଜୟ ଢୋଲକିଆ ଉଦ୍‌ଘାଟନ କରିଛନ୍ତି । ଅନୁଷ୍ଠିତ ଉତ୍ସବରେ ଅତିଥିମାନେ ମାରାଗୁଡ଼ା ମହୋତ୍ସବକୁ ମହାମିଳନର ପର୍ବ ବୋଲି ଅଭିହିତ କରିଛନ୍ତି । ମହୋତ୍ସବରେ ପଲ୍ଲିଶ୍ରୀ ମେଳା, କବିତା ପାଠୋତ୍ସବ, ପୁସ୍ତକମେଳା ଓ ବୌଦ୍ଧିକ ଚର୍ଚ୍ଚା ଅନୁଷ୍ଠିତ ହେଉଛି ।

***Desk***

# ପାଣିପାଗ

କାଳବୈଶାଖୀ ପ୍ରଭାବରେ ଆଜି ରାଜ୍ୟର କେତେକ ଅଞ୍ଚଳରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ପୁରୀ, ଗଞ୍ଜାମ, ଗଜପତି, ନୂଆପଡ଼ା, ଜଗତ୍‌ସିଂହପୁର, ନବରଙ୍ଗପୁର, କେନ୍ଦ୍ରାପଡ଼ା, କଟକ ଓ ଖୋର୍ଦ୍ଧା ଜିଲ୍ଲାରେ ବଜ୍ରପାତ ସହ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହେବା ନେଇ ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।

*****